This Question Paper consists of 25 questions and 5 printed pages.
ଏହି ପ୍ରଶ୍ନପତ୍ରରେ ମୋଟ **25** ଟି ପ୍ରଶ୍ନ ଅଛି ଏବଂ **5** ମୁଦ୍ରିତ ପୃଷ୍ଠା ଅଛି ।

| Roll No. ରୋଲ୍ ନମ୍ବର୍ | | | | | | | | | | | | | Code No. କୋଡ୍ ନମ୍ବର୍ | **52/S/A/OR** |
|---|---|---|---|---|---|---|---|---|---|---|---|---|---|---|

**Set A**

# ODIA
# (ଓଡ଼ିଆ)
# (233)

Day and Date of Examination
ପରୀକ୍ଷାର ଦିନାଙ୍କ ଓ ତାରିଖ ______________________

Signature of Invigilators
ନିରୀକ୍ଷକଙ୍କ ସ୍ୱାକ୍ଷର
1. ______________________
2. ______________________

ସାଧାରଣ ନିର୍ଦ୍ଦେଶାବଳୀ :

1. ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ପରୀକ୍ଷାର୍ଥୀ ନିଜର ରୋଲ୍ ନମ୍ବର ନିର୍ଦ୍ଦିଷ୍ଟ ସ୍ଥାନରେ ନିଶ୍ଚିତ ଲେଖନ୍ତୁ ।

2. ପ୍ରଶ୍ନପତ୍ରର ସମସ୍ତ ମୁଦ୍ରିତ ପୃଷ୍ଠା ଓ ପ୍ରଶ୍ନସଂଖ୍ୟା ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ଦିଆଯାଇଥିବା ସଂଖ୍ୟା ସହ ମିଳାଇ ନିଅନ୍ତୁ । ପ୍ରଶ୍ନଗୁଡ଼ିକ କ୍ରମାନୁଯାୟୀ ଅଛି କିନାହିଁ ଦେଖି ନିଅନ୍ତୁ ।

3. ଉତ୍ତର ପୁସ୍ତିକାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖନ୍ତୁ.

4. ସମସ୍ତ ପ୍ରଶ୍ନର ଉତ୍ତର ନିର୍ଧାରିତ ସମୟ ଭିତରେ ଦେବାକୁ ହେବ.

5. ଉତ୍ତର ପୁସ୍ତିକାର ନିର୍ଦ୍ଧିଷ୍ଟ ସ୍ଥାନ ବ୍ୟତିତ ଅନ୍ୟ କୌଣସି ସ୍ଥାନରେ ପରୀକ୍ଷାର୍ଥୀ ଯଦି ନିଜ ରୋଲ୍ ନମ୍ବର ଲେଖନ୍ତି କିମ୍ବା ଅନ୍ୟ କିଛି ଚିହ୍ନ ଦିଅନ୍ତି ତେବେ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷିତ କରାଯିବ.

6. ପ୍ରଶ୍ନପତ୍ରର କୋଡ୍ ନମ୍ବର **52/S/A/OR-A** ଉତ୍ତର ପୁସ୍ତିକାରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଲେଖନ୍ତୁ.

# ODIA

# (ଓଡ଼ିଆ)

# (233)

ସମୟ : **3** ଘଣ୍ଟା ] [ ପୂର୍ଣ୍ଣ ସଂଖ୍ୟା : **100**

**ନୋଟ୍ :** (i) ପ୍ରତି ପ୍ରଶ୍ନର ଉତ୍ତର ଦିଅ ।

(ii) ପ୍ରତ୍ୟେକ ପ୍ରଶ୍ନ ସମ୍ମୁଖରେ ନିର୍ଧାରିତ ସଂଖ୍ୟା (ମାର୍କ) ସୁଚିତ ହେଇଛି ।

**1.** ପ୍ରତି ପ୍ରଶ୍ନର ଉତ୍ତର ଦିଅ. **3**

ସନ୍ଧି ବିଚ୍ଛେଦ କର (2 ଟିର)

ରଙ୍ଗାଧର, ଦେବାଳୟ, ଜଗନ୍ନାଥ, ସନ୍ତାନ

**2.** ପରୋକ୍ଷୋକ୍ତିରେ ପରିଣତ କର. **1**

ଶିକ୍ଷକ ଛାତ୍ରଙ୍କୁ କହିଲେ, "ପୃଥିବୀ ସୂର୍ଯ୍ୟ ଚାରିପଟେ ଘୁରୁଛି".

**3.** ନିମ୍ନଲିଖିତ ବାକ୍ୟଗୁଡ଼ିକ ମଧ୍ୟରୁ କେଉଁଟି ଜଟିଳ ବାକ୍ୟ, କେଉଁଟି ସରଳ ବାକ୍ୟ ଓ କେଉଁଟି ଯୌଗିକ ବାକ୍ୟ ଚିହ୍ନାଇ ଦିଅ. **3**

(କ) ଅଶୋକ ରାସ୍ତାରେ ତା ବନ୍ଧୁ ପ୍ରକାଶଙ୍କୁ ଦେଖିଲା.

(ଖ) ମଧୁବାବୁ ଯେତେବେଳେ ଏଣ୍ଟ୍ରାସ୍ ପାସ୍ କଲେ ସେତେବେଳକୁ କଲିକତାକୁ ଟ୍ରେନ୍ ନଥିଲା.

(ଗ) ସନ୍ଧ୍ୟା ହେଲା ଏବଂ ପକ୍ଷୀମାନେ ବସାକୁ ଫେରିଲେ.

**4.** ନିମ୍ନଲିଖିତ ପ୍ରତ୍ୟୟଗୁଡ଼ିକ ମଧ୍ୟରୁ ଯେକୌଣସି ୩ଟି ପ୍ରତ୍ୟୟକୁ ନେଇ ଗୋଟିଏ ଗୋଟିଏ ଶବ୍ଦ ଗଠନ କର : **3**

ଆଳୁ, ତନ, ଉଆ, ଇନ୍, ଇୟ

**5.** ଏକପଦରେ ପ୍ରକାଶ କର : **1**

କାଠରେ ନିର୍ମିତ ପୋଲ, ପାଦ ଠାରୁ ମସ୍ତକ ପର୍ଯ୍ୟନ୍ତ

6. ବିପରୀତାର୍ଥ ବୋଧକ ଶବ୍ଦ ଲେଖ (4ଟିର) **2**

ସ୍ୱର୍ଗ, ହ୍ରାସ, ହାନି, ଉପକାର, ଜୁଆର

7. ରୂଢ଼ିମାନଙ୍କର ଅର୍ଥ ଲେଖ (3ଟିର) **3**

ନଦେଖିଲା ଓଉ ଛ'ଅ ଫଡ଼ା, ତେଲିଆ ମୁଣ୍ଡରେ ତେଲ, ଧୀର ପାଣି ପଥର କାଟେ, ଓଳିଆରୁ ଗଜା

8. ନିମ୍ନଲିଖିତ ସମୋଚ୍ଚାରିତ ଶବ୍ଦର ଅର୍ଥ ଲେଖ. **2**

ଜାତ - ଯାତ, ଦିନ - ଦୀନ

9. ଠିକ୍ ଉତ୍ତର ବାଛି ତା' ପାଖରପେ ☑ ଦିଅ. **1**

'ମୁହଁଟା ତାର କାତିରୁ ଦାଢ଼'- ଏହାର ଅର୍ଥ କ'ଣ?

(କ) ବୁଢ଼ୀର ମୁହଁଟା ଭାରି ସୁନ୍ଦର (ଖ) ବୁଢ଼ୀର କଥା ଅତି ମଧୁର

(ଗ) ଛୁରୀ ଭଳି ବୁଢ଼ୀର ମୁହଁ ଦାଢୁଆ (ଘ) ବୁଢ଼ୀର କଥା ଅତି କର୍କଶ

10. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର. **1**

ଏ ସବୁ କଥା ଛବିଟି __________

(ସରି, ପରି, ଭଳି)

11. 'କ'ସ୍ତମ୍ଭରେ ପ୍ରଦତ୍ତ ଶବ୍ଦ ସହିତ 'ଖ' ସ୍ତମ୍ଭରେ ପ୍ରଦତ୍ତ ଯେଉଁ ଶବ୍ଦର ଯଥାର୍ଥ ସମ୍ବନ୍ଧ ରହିଛି, ତାହା ଦର୍ଶାଅ (୩ଟିର) **3**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ବିମାନ | ସୃଷ୍ଟି |
| କଷଣ | ହୀନ |
| ପାମର | ବ୍ୟୋମଯାନ |
| ବିକାଶ | ପ୍ରକାଶ |
| ଉତ୍ପତ୍ତି | କଷ୍ଟ |
| | ଇନ୍ଦ୍ର |

12. 'ଅଙ୍କ' ଶବ୍ଦର 2ଟି ଅର୍ଥ ଲେଖ. **½+½=1**

13. ନିମ୍ନଲିଖିତ ଶବ୍ଦର ପଦ୍ୟରୂପ ଲେଖ (2ଟିର) **2**

ଗ୍ରାହକ, ପ୍ରାପ୍ତ, ପ୍ରାଣ, ପ୍ରାଚୀ

**14.** ନିମ୍ନୋକ୍ତ ଶବ୍ଦମାନଙ୍କର ବର୍ତମାନ ପ୍ରଚଳିତ ରୂପ ଲେଖ (2 ଟିର) **2**

ଶୁଣିମା, ୟେ, ମୋହୋର

**15.** ନିମ୍ନ ଶବ୍ଦଟି କେଉଁ ପ୍ରକାର ପଦ **1**

ବିଜ୍ଞାପନ (ବିଶେଷ୍ୟ, ବିଶେଷଣ)

**16.** 'ସାମାଜିକ' ପରି ଆଉ ଏକ ଶବ୍ଦ ଲେଖ. **1**

**17.** ବନ୍ଧନୀ ମଧ୍ୟରୁ ଠିକ୍ ଶବ୍ଦ ବାଛି ଶୂନ୍ୟ ସ୍ଥାନ ପୂରଣ କର. **1**

କୋରାପୁଟର କଥିତ ଭାଷା __________ ଅଟେ (ଦେଶିଆ, ଗାଦବା, କନ୍ଧ)

**18.** 'ସୌଷ୍ଠବ' ଶବ୍ଦଟି ନିମ୍ନଲିଖିତ କେଉଁ ଶବ୍ଦ ସହ ତୁଳନୀୟ **1**

(କ) ସୁନ୍ଦର

(ଖ) ସୁଷ୍ଠୁ

(ଗ) ଉତ୍ସବ

**19.** ସଂକ୍ଷେପରେ ଉତ୍ତର ଦିଅ. (6 ଟିର) : **1½x6=9**

(କ) ଯୁଧିଷ୍ଠିରଙ୍କୁ ରଥରେ ବସାଇ ସ୍ୱର୍ଗକୁ ନେଇଯିବା ପାଇଁ କିଏ କାହାକୁ ଆଦେଶ ଦେଇଥିଲେ?

(ଖ) ଧୂଳି ସ୍ଥାପନ କରିବା ପାଇଁ କିଏ ଆଜ୍ଞା ଦେଲେ ବୋଲି କବି କହିଛନ୍ତି?

(ଗ) ନୀଳ ଶାଢ଼ି ବୋଲି କବି କାହାକୁ କହିଛନ୍ତି?

(ଘ) ଦୁନିଆ କଣେ ଚାଖଣ୍ଡେ ଥାନ କାହାକୁ ଲକ୍ଷ୍ୟ କରି କବି ଏହା କହିଛନ୍ତି?

(ଙ) ଶ୍ରୀକୃଷ୍ଣ ଯଶୋଦାଙ୍କ ଆଗରେ କ'ଣ କହିଛନ୍ତି?

(ଚ) କବି ନିଜକୁ ଦୁଃଖ ଗୁରୁଙ୍କର ପ୍ରଧାନ ଶିଷ୍ୟ ବୋଲି କାହିଁକି କହିଛନ୍ତି?

(ଛ) ଉତ୍କଳ-ଲକ୍ଷ୍ମୀ ଜଳକ୍ରୀଡ଼ା ପାଇଁ କାହାକୁ କାହାକୁ ସରୋବର ଭାବେ ଗ୍ରହଣ କରାଯାଇଛି?

**20.** ସଂକ୍ଷେପରେ ଯେକୌଣସି ୩ଟି ପ୍ରଶ୍ନର ଉତ୍ତର ଦିଅ. **3x3=9**

(କ) ଲକ୍ଷ୍ମଣଙ୍କ ଜନ୍ମସ୍ଥାନକୁ କାହିଁକି ଅଗମ୍ୟ ବୋଲି କୁହାଯାଇଛି?

(ଖ) ବେଣୁଧର ମୋହଭାଙ୍ଗିବାକୁ କିଏ ଚେଷ୍ଟା କରୁଥିଲା?

(ଗ) ସାଧାରଣତଃ ଭିକାରୀମାନେ କେଉଁ କେଉଁ ସ୍ଥାନରେ ଭିକ ମାଗିଥାନ୍ତି?

(ଘ) ଆମ ଘରର ହାଲଚାଲରେ ଲେଖକ କାହିଁକି ନିଜକୁ ଦୋନା ବୁଡ଼ିଆ ଓ ଗୋଠ ଖଣ୍ଡିଆ ବୋଲି କହିଛନ୍ତି.

21. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ମଧ୍ୟରୁ ଯେକୌଣସି ୩ଟି ପ୍ରଶ୍ନର ଉତ୍ତର ଦିଅ. **3x7=21**

(କ) ଭାରତକୁ କଲାମ୍ କି ଦୃଷ୍ଟିରେ ଦେଖି ଆସିଛନ୍ତି ବର୍ଣ୍ଣନା କର.

(ଖ) ହିମାଳୟର ହିମଛାୟା ତଳେ କେଉଁ ସ୍ଥାନକୁ ଲକ୍ଷ୍ୟ କରି କୁହାଯାଇଛି.

(ଗ) କଳିଙ୍ଗ କହିଲେ କେଉଁ ଅଞ୍ଚଳକୁ ବୁଝାଉଥିଲା? ଏହାର ସଂସ୍କୃତି ଓ ଭାଷାଗତ ବୈଶିଷ୍ଟ୍ୟର ସୂଚନା ଦିଅ.

(ଘ) ଆମ ସାମୟିକ ଯୁଗର ଅନ୍ୟ ନାମ କମ୍ପ୍ୟୁଟର ଯୁଗ କାହିଁକି?

(ଙ) ଲକ୍ଷ୍ମଣ ନାଏକ ପ୍ରକୃତରେ ଜଣେ ଶହୀଦ ଥିଲେ- ଆଲୋଚନା କର?

22. ଯେକୌଣସି 2ଟି ପ୍ରଶ୍ନର ଉତ୍ତର ଦିଅ. **6+6=12**

(କ) "ମୋ ଜୀବନ ପଛେ ନର୍କେ ପଡ଼ିଥାଉ" କବିତାରେ ବିଶ୍ୱ ମାନବବାଦୀ ପ୍ରତିଫଳିତ - ଆଲୋଚନା କର.

(ଖ) ଇନ୍ଦ୍ରଙ୍କ ଦ୍ୱାରା କରାଯାଇଥିବା ପରୀକ୍ଷାରେ ଯୁଧିଷ୍ଠିର କିପରି ଉତ୍ତୀର୍ଣ୍ଣ ହୋଇଥିଲେ?

(ଗ) ଚିଲିକା ଠାରୁ ମେଲାଣି ମାଗିବା ବେଳେ କବି ଦୁଃଖରେ ଭାଙ୍ଗି ପଡ଼ିଛନ୍ତି କାହିଁକି?

23. 200ଟି ଶବ୍ଦ ମଧ୍ୟରେ ଯେକୌଣସି ଗୋଟିଏ ବିଷୟରେ ରଚନା ଲେଖ. **10**

(କ) ଓଡ଼ିଶାର ପର୍ବପର୍ବାଣୀ

(ଖ) ବନ୍ୟଜନ୍ତୁ ସଂରକ୍ଷଣ

(ଗ) ନାରୀ ଶିକ୍ଷା

24. ତୁମ ଅଞ୍ଚଳରେ ବ୍ୟାପିଥିବା ହଇଜା ରୋଗର ନିରାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖ. **5**
କିମ୍ବା ଦଶହରା ଛୁଟି କିପରି କଟାଇଲ ତାହା ବର୍ଣ୍ଣନା କରି ବନ୍ଧୁଙ୍କ ନିକଟକୁ ପତ୍ର ଲେଖ.

25. ଓଡ଼ିଆରେ ଅନୁବାଦ କର : **2**

(i) Health is Wealth

(ii) Cuttack is an Old City of Odisha

- o O o -